ISSUE 42

# Our Voice

APRIL-JUNE · 2026

cysd SINCE 1982
ENABLE - EMPOWER - INCLUDE...



BOLANGIR · MALKANGIRI · KORAPUT · RAYAGADA · KENDUJHAR · MAYURBHANJ

## Inside


**1.Prayas**
From Struggle to Stability: Basamati Podh’s Climate-Resilient Farming Success

**2.APF**
ସ୍ନେହ ଓ ଯତ୍ନରେ ହେଉଛି ଶୈଶବର ବିକାଶ : ଶିଶୁ ଘର

**3.HDFC Sankalp**
ଖେଳ ଓ ଶିଶୁ-ଅନୁକୂଳ କେନ୍ଦ୍ରରେ ଗଢି ହେଉଛି ଭବିଷ୍ୟତ

**4.Urban Health**
ଏକ ଛୋଟିଆ ହସରେ ବଡ଼ ପରିବର୍ତ୍ତନ: ପାରା-ମେଡିକାଲ ସ୍ୱେଚ୍ଛାସେବୀ **ମଧୁସ୍ମିତା**

**5.MMJJM**
ଦିନ ମଜୁରିଆରୁ ସଫଳ ଚାଷୀର ଯାତ୍ରା: ଦୁର୍ଜୟଙ୍କ ସଂଘର୍ଷର କାହାଣୀ

**6.Koraput (SOLP)**
Seed Balls Transform Rainfed Agriculture

**7.APC- Ramanuguda**
From Persistence to Prosperity: Jamuna Adhikari’s Farming Journey

**8.Pragati**
From Homemaker to Change Maker: **Subhadra Nayak**’s Leadership Journey

**9.Demogrphic Inteligence Unit**
Launches Blueprint for Climate-Resilient Development

**10.ଟିଟିଲାଗଡ଼ (PLVs)**
ଗାଁ ଗାଁରେ ଯେଉଁ ମାନେ ଆଇନର ନିୟମ ଜାଣି ନାହାଁନ୍ତି, ସେମାନଙ୍କୁ ଜନଜାଗରଣ କରିବି : **ପ୍ରେମୀସ କୁମାର ନାୟକ**

**11.Youth Leadership**
Nurturing Future Change Makers

**12.Shramadan**
Inspires Community Action Across Zones

**13.Demogrphic Inteligence Unit**
Media as a Catalyst for Social Change

1.PRAYAS

# From Struggle to, *Stability.*

*Basamati Podh's Climate-Resilient Farming Success*

Basamati Podh, a 48-year-old marginal farmer from Balpadar village in Titilagarh Block of Bolangir district, struggled for years to sustain her family through agriculture. With only two acres of land, low productivity, poor-quality seeds, and erratic weather conditions made farming increasingly unprofitable. The declining income forced her younger son to migrate to Mumbai for labour work.

Her situation changed through support from the CYSD PRAYAS initiative. Basamati received **20 kg** of improved "**2** Nut" groundnut seed along with training on scientific and climate-resilient farming practices. She adopted sustainable methods such as Beejamruta, Jeevamruta, compost application, and neem-based pest management. Technical guidance on timely sowing also helped her avoid dry spells and cold conditions.

Reflecting on the change, Basamati says, "Earlier, my son migrated to Mumbai for labour work earning only **₹9,000** per month. Today, farming itself gives us dignity and stability."

Cultivating groundnuts on one acre of land, she harvested nearly 16 quintals and earned **₹57,600**. Against a cultivation cost of only **₹7,500**, she achieved a net profit of **₹50,100**.

Today, Basamati's success demonstrates how climate-resilient farming and timely support can improve incomes, reduce migration, and create sustainable livelihoods for smallholder farmers

THE LEDGER, ONE ACRE

| | |
|---|---|
| Improved "2 Nut" groundnut seed | 20 kg |
| Harvest | ≈ 16 quintal |
| Gross earning | ₹57,600 |
| Cost of cultivation | ₹7,500 |
| **Net profit** | **₹50,100** |



2.APF

## ସ୍ନେହ ଓ ଯତ୍ନରେ ହେଉଛି ଶୈଶବର ବିକାଶ : ଶିଶୁ ଘର

*A safe room, from eight to four.*

ମାଲକାନଗିରିର ଦୁର୍ଗମ ଆଦିବାସୀ ଗ୍ରାମଗୁଡ଼ିକରେ ଅନେକ ପିତାମାତା ପ୍ରତିଦିନ ଜଙ୍ଗଲ ଓ କ୍ଷେତରେ କାମ କରିବା ପାଇଁ ଘର ଛାଡ଼ି ଯାଆନ୍ତି। ଏପରି ପରିସ୍ଥିତିରେ ନବଜାତ ଓ ଛୋଟ ଶିଶୁମାନଙ୍କର ଯତ୍ନ ନେବା ଏକ ବଡ଼ ଆହ୍ୱାନ। ଅନେକ ଶିଶୁ ବୃଦ୍ଧ ପରିବାର ସଦସ୍ୟ କିମ୍ବା ବଡ଼ ଭାଇଭଉଣୀଙ୍କ ଭରସାରେ ରହୁଥିଲେ, ଯାହା ଫଳରେ ଶିଶୁର କୁପୋଷଣ, ସ୍ୱାସ୍ଥ୍ୟ ସମସ୍ୟା ଓ ପ୍ରାରମ୍ଭିକ ଶିକ୍ଷାରେ ବାଧା ସୃଷ୍ଟି ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ ସିୱାଇଏସଡି ଓ ଅଜିମ ପ୍ରେମଜୀ ଫାଉଣ୍ଡେସନର ମିଳିତ ସହଯୋଗରେ ଜୁଲାଇ **୨୦୨୪**ରେ **୧୦**ଟି କ୍ରେଚ୍ କେନ୍ଦ୍ର ସହ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲା। ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ମାଲକାନଗିରି ବ୍ଲକର **୮**ଟି ଗ୍ରାମ ପଞ୍ଚାୟତ ଅଧୀନ **୪୦**ଟି ଗ୍ରାମରେ **୪୦**ଟି କ୍ରେଚ୍ କେନ୍ଦ୍ରରେ ପହଁଞ୍ଚିଛି । ଏହା କାର୍ଯ୍ୟରତ ମା'ମାନଙ୍କ ପାଇଁ ଏକ ବଡ଼ ସହାୟକ ଏବଂ ଶିଶୁମାନଙ୍କ ପାଇଁ ନିରାପଦ ଓ ସ୍ନେହପୂର୍ଣ୍ଣ ପରିବେଶ ସୃଷ୍ଟି କରିଛି।(page-3)

| 40 | 1,142 | 741 | 56 |
|---|---|---|---|
| Creche centres running | Children reached so far | Currently enrolled 387 girls · 354 boys | Referred, severe malnutrition |

## 2.APF

ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକଠାରୁ ଭିନ୍ନ ଭାବେ, ଏହି କ୍ରେଚ୍ କେନ୍ଦ୍ରଗୁଡ଼ିକ **୬** ମାସରୁ **୩** ବର୍ଷ ବୟସର ଶିଶୁମାନଙ୍କ ଉପରେ ବିଶେଷ ଗୁରୁତ୍ୱ ଦେଇଥାଏ। ସକାଳ **୮**ଟାରୁ ସନ୍ଧ୍ୟା **୪**ଟା ପର୍ଯ୍ୟନ୍ତ ଶିଶୁମାନେ ଏଠାରେ ଦିନବ୍ୟାପୀ ଯତ୍ନ, ଭାବନାତ୍ମକ ସହଯୋଗ, ପ୍ରାରମ୍ଭିକ ଶିକ୍ଷା ଏବଂ ପୌଷ୍ଟିକ ଖାଦ୍ୟ ପାଇଥାନ୍ତି। ପ୍ରତ୍ୟେକ ଶିଶୁଙ୍କୁ ଦିନକୁ ତିନୋଟି ପୌଷ୍ଟିକ ଖାଦ୍ୟ ଦିଆଯାଏ। ଚାଉଳ, ଡାଲି, ଅଣ୍ଡା, ସବୁଜ ପନିପରିବା, ମାଣ୍ଡିଆ, ଛତୁଆ ଦ୍ୱାରା ପ୍ରସ୍ତୁତ ଭୋଜନ ଶିଶୁମାନଙ୍କ ପୋଷଣ ସୁନିଶ୍ଚିତ କରେ। କୁପୋଷିତ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ, ସ୍ୱଚ୍ଛତା ରକ୍ଷା, ବୃଦ୍ଧି ନିରୀକ୍ଷଣ ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ବ୍ୟବସ୍ଥା ରହିଛି।

ଗ୍ରାମସ୍ତରୀୟ କ୍ରେଚ୍ ପରିଚାଳନା କମିଟି ଏହି କାର୍ଯ୍ୟକ୍ରମକୁ ସୁଦୃଢ଼ କରୁଛି। ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଜନପ୍ରତିନିଧି, ଅଭିଭାବକ ଓ ସମୁଦାୟ ସଦସ୍ୟମାନେ ଏଥିରେ ସାମିଲ ଅଛନ୍ତି। ପ୍ରତିମାସର ବୈଠକରେ ଶିଶୁମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଏବଂ କେନ୍ଦ୍ରର କାର୍ଯ୍ୟକଳାପ ସମୀକ୍ଷା କରାଯାଏ।



ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାଠାରୁ ଏପର୍ଯ୍ୟନ୍ତ **୧,୧୪୨** ଜଣ ଶିଶୁ ଉପକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ **୪୦୧** ଜଣ ଶିଶୁ କ୍ରେଚ୍ରୁ ସ୍ନାତକ ହୋଇଥିବା ବେଳେ ବର୍ତ୍ତମାନ **୭୪୧** ଜଣ ଶିଶୁ ନାମଲେଖା କରିଛନ୍ତି। ଏଥିରେ **୩୮୭** ଜଣ କନ୍ୟା ଏବଂ **୩୫୪** ଜଣ ପୁଅ ଶିଶୁ ଅଛନ୍ତି। ତଦୁପରି, ଗୁରୁତର କୁପୋଷଣରେ ପୀଡ଼ିତ **୫୭** ଜଣ ଶିଶୁଙ୍କୁ ବିଶେଷ ଚିକିତ୍ସା ପାଇଁ ପୋଷଣ ପୁନର୍ବାସ କେନ୍ଦ୍ରକୁ ପଠାଯାଇଛି। ଆଜି ଏହି କ୍ରେଚ୍ କେନ୍ଦ୍ରଗୁଡ଼ିକ କେବଳ ଶିଶୁ ଯତ୍ନ କେନ୍ଦ୍ର ନୁହେଁ, ବରଂ ସ୍ନେହ, ସୁରକ୍ଷା, ପୋଷଣ ଓ ପ୍ରାରମ୍ଭିକ ଶିକ୍ଷାର ଏକ ନିରାପଦ ଆଶ୍ରୟସ୍ଥଳ। ଏହା ସାମଗ୍ରିକ ଭାବେ ସୁସ୍ଥ ଶିଶୁ, ସଶକ୍ତ ମା' ଏବଂ ଆଦିବାସୀ ସମୁଦାୟ ମଧ୍ୟରେ ଏକ ନୂଆ ଆଶାର ସଞ୍ଚାର କରୁଛି।

3.HDFC Sankalp

# ଖେଳ ଓ ଶିଶୁ-ଅନୁକୂଳ କେନ୍ଦ୍ରରେ ଗଢି ହେଉଛି ଭବିଷ୍ୟତ

*Thirteen Anganwadis, made child-friendly.*

## 3.HDFC Sankalp

ପ୍ରତ୍ୟେକ ଶିଶୁ ଏକ ନିରାପଦ ସ୍ଥାନରେ ପାଠ ପଢିବା ସହିତ ଖେଳ ମାଧ୍ୟମରେ ନିଜର ଶୈଶବକୁ ଗଢିଥାଏ l ଶିଶୁଟି ଯାଉଥିବା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ରୂପାନ୍ତରଣ ହେଉଛି ଭବିଷ୍ୟତ ପାଇଁ ଏକ ମୂଲ୍ୟବାନ ବିନିଯୋଗ।

ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକର **୧୩ ଅଙ୍ଗନବାଡ଼ି** କେନ୍ଦ୍ର ଯେଉଁଠାରେ ଅପର୍ଯ୍ୟାପ୍ତ ଭିତ୍ତିଭୂମି ଥାଇ ମଧ୍ୟ ଅନୁନ୍ନତ ପରିମଳ ବ୍ୟବସ୍ଥା, ସୀମିତ ଶିକ୍ଷା ସାମଗ୍ରୀ ଏବଂ ଶିଶୁମାନଙ୍କ ପ୍ରାରମ୍ଭିକ ବିକାଶ ପାଇଁ ଅନୁକୂଳ ପରିବେଶର ଅଭାବ ଦେଇ ଗତି କରୁଥିଲା l ଏହି କେନ୍ଦ୍ରଗୁଡ଼ିକରେ ଶିଶୁ, ମା' ଏବଂ ଅଗ୍ରଣୀ କର୍ମୀମାନେ ଗୁଣାତ୍ମକ ସେବା ଏବଂ ନିରାପଦ ଶିକ୍ଷା ପରିବେଶ ପାଇବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ।

ଯାହା ଫଳରେ ଏଚ୍.ଡି.ଏଫ୍.ସି ବ୍ୟାଙ୍କ ପରିବର୍ତ୍ତନର ସହଯୋଗରେ ସଂକଳ୍ପ କାର୍ଯ୍ୟକ୍ରମ ଅଧୀନରେ ସିୱାଇଏସଡି **୧୩**ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଶିଶୁ ଅନୁକୂଳ ଓ ଆକର୍ଷଣୀୟ ଶିକ୍ଷା କେନ୍ଦ୍ରରେ ପରିଣତ କରିଛି। ଉନ୍ନତ ଭିତ୍ତିଭୂମି, ପରିମଳ ବ୍ୟବସ୍ଥା, ସୌର ଶକ୍ତି ବ୍ୟବସ୍ଥା, ଖେଳନା ଏବଂ ଶିକ୍ଷା-ଶିକ୍ଷଣ ସାମଗ୍ରୀ ଯୋଗାଇ ଏହି କେନ୍ଦ୍ରଗୁଡ଼ିକୁ ସୁଦୃଢ଼ କରାଯାଇଛି।



ଆଜି ଏହି ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଶିଶୁମାନଙ୍କ ପାଇଁ ଏକ ନିରାପଦ, ସ୍ୱଚ୍ଛ ଏବଂ ଆନନ୍ଦମୟ ପରିବେଶ ସୃଷ୍ଟି କରିଛି, ଯେଉଁଠାରେ ସେମାନେ ଖେଳ ଓ ସୃଜନଶୀଳତା ମାଧ୍ୟମରେ ଶିକ୍ଷା ଗ୍ରହଣ କରୁଛନ୍ତି। ଏହି ପଦକ୍ଷେପ ଦ୍ୱାରା ଶିଶୁ, କିଶୋରୀ, ଗର୍ଭବତୀ ମହିଳା ଓ ସ୍ତନ୍ୟଦାନକାରୀ ମା'ମାନଙ୍କୁ ମିଶାଇ ମୋଟ **୧,୧୭୨** ଜଣ ଉପକୃତ ହୋଇଛନ୍ତି। ଏହା ସୁସ୍ଥ, ଖୁସି ଏବଂ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ଦୃଢ଼ ଭିତ୍ତିଭୂମି ମଧ୍ୟ ସୃଷ୍ଟି କରିଛି।

**13** CENTRES UPGRADED
SOLAR · SANITATION · TOYS

**1,172** REACHED
CHILDREN · ADOLESCENTS · MOTHERS

4.Urban Health

# ଏକ ଛୋଟିଆ ହସରେ ବଡ଼ ପରିବର୍ତ୍ତନ: ପାରା-ମେଡିକାଲ ସ୍ୱେଚ୍ଛାସେବୀ ମଧୁସ୍ମିତା

ଭୁବନେଶ୍ୱରସ୍ଥିତ ଶିଖରଚଣ୍ଡୀ ଏବଂ ଜଲିସାହି ଅଞ୍ଚଳରେ କାର୍ଯ୍ୟରତ ପାରା-ମେଡିକାଲ ସ୍ୱେଚ୍ଛାସେବିକା ଏମ୍. ମଧୁସ୍ମିତା, ଯିଏକି ପ୍ରତ୍ୟେକ ଦିନ ସକାଳ ହେଲ ଘରକୁ ଘର ଯାଇ ନିୟମିତ ସ୍ୱାସ୍ଥ୍ୟ ସେବା ପ୍ରଦାନ କରି ସେ ଆଜି ଅନେକ ପରିବାରଙ୍କର ବିଶ୍ୱସ୍ତ ସ୍ୱାସ୍ଥ୍ୟ ହୋଇପାରିଛନ୍ତି। ଯାହାର ଫଳ ସ୍ୱରୂପ ଆରୋଗ୍ୟ ଲାଭ କରୁଥିବା ପ୍ରତିଟି ଲୋକର ମୁହଁରେ ହସ ଫୁଟାଇ ପାରିଛନ୍ତି **ମଧୁସ୍ମିତା**

ମଧୁସ୍ମିତା ଘରକୁ ଘର ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରନ୍ତି। ବିଶେଷକରି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇପାରୁନଥିବା ବୃଦ୍ଧ ବ୍ୟକ୍ତିମାନଙ୍କର ରକ୍ତଚାପ, ରକ୍ତରେ ଶର୍କରାର ମାତ୍ରା ଏବଂ ହିମୋଗ୍ଲୋବିନ ପରୀକ୍ଷା କରିଥାନ୍ତି। କେବଳ ସେତିକି ନୁହେଁ ଗର୍ଭବତୀ ଓ ସ୍ତନପାନ କରାଉଥିବା ମା'ମାନଙ୍କୁ ପୌଷ୍ଟିକ ଖାଦ୍ୟ ଓ ଉପଯୁକ୍ତ ଔଷଧ ସମ୍ପର୍କରେ ପରାମର୍ଶ ଦେବା ସହିତ ଅଭିଭାବକମାନଙ୍କୁ ଶିଶୁ ପୋଷଣ ସମ୍ପର୍କରେ ସଚେତନ କରନ୍ତି। ଏହା ସହ କିଶୋରୀମାନଙ୍କ ପାଇଁ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସୁସ୍ଥ ଖାଦ୍ୟାଭ୍ୟାସ ଉପରେ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରନ୍ତି। ତାଙ୍କର ଏହି ପ୍ରୟାସ ଆଜି ଅନେକ ଲୋକଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି। ଅନିୟନ୍ତ୍ରିତ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡ଼ିତ ଅନେକ ମହିଳା ବର୍ତ୍ତମାନ ନିୟମିତ ଚିକିତ୍ସା ଓ ନିରୀକ୍ଷଣ ସେବା ପାଉଛନ୍ତି।



ଋତୁସ୍ରାବ ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ମହିଳାମାନେ ତାଙ୍କର ପରାମର୍ଶ ପରେ ଚିକିତ୍ସା ସେବା ନେବାକୁ ଆଗେଇ ଆସିଛନ୍ତି। ମଧୁସ୍ମିତା ଲୋକମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର କରିବା ଏବଂ ନିଶୁଳ୍କ ପରିବହନ ସେବାର ସୁବିଧା ପାଇବାରେ ମଧ୍ୟ ସହଯୋଗ କରିଛନ୍ତି।

ତାଙ୍କ କାର୍ଯ୍ୟର ସଫଳତାର ମୂଳ କାରଣ କେବଳ ସ୍ୱାସ୍ଥ୍ୟ ପରୀକ୍ଷା ନୁହେଁ, ବରଂ ନିୟମିତ ସାକ୍ଷାତ ଓ ବ୍ୟକ୍ତିଗତ ଯତ୍ନ ମାଧ୍ୟମରେ ସେ ସମୁଦାୟ ମଧ୍ୟରେ ଯେଉଁ ବିଶ୍ୱାସ ଗଢ଼ି ତୋଳିଛନ୍ତି, ତାହା ହିଁ ତାଙ୍କର ସବୁଠାରୁ ବଡ଼ ସଫଳତା।

ଆଜି ଅନେକ ପରିବାର ତାଙ୍କର ଆଗମନକୁ ଅପେକ୍ଷା କରନ୍ତି, ତାଙ୍କର ପରାମର୍ଶ ନେଇଥାନ୍ତି ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରୁଛନ୍ତି। ମଧୁସ୍ମିତାଙ୍କ କାହାଣୀ ପ୍ରମାଣ କରେ ଯେ, ଜଣେ ନିଷ୍ଠାପର ସ୍ୱେଚ୍ଛାସେବୀ ମଧ୍ୟ ଏକ ସମ୍ପୂର୍ଣ୍ଣ ସମୁଦାୟରେ ସ୍ଥାୟୀ ଏବଂ ସକାରାତ୍ମକ ପରିବର୍ତ୍ତନ ଆଣିପାରନ୍ତି।

5.MMJJM

# ଦିନ ମଜୁରିଆରୁ ସଫଳ ଚାଷୀର ଯାତ୍ରା: ଦୁର୍ଜୟଙ୍କ ସଂଘର୍ଷର କାହାଣୀ

କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବେଣାଗାଁ ଗ୍ରାମ ପଞ୍ଚାୟତର ପିଟେଇଗୁଡ଼ା ଗ୍ରାମର **୩୬** ବର୍ଷୀୟ ଦୁର୍ଜୟ ନାୟକ ଦିନ ଥିଲା ଯେବେ ମଜୁରି କାମ କରି ନିଜ ପରିବାରର ପେଟ ପୋଷୁଥିଲେ ନିଜେ ତିନି ଏକର ଜମିର ମାଲିକ ହୋଇଥିଲେ ମଧ୍ୟ ବର୍ଷ ବର୍ଷ ଧରି ଜମିର ଉର୍ବରତା ହ୍ରାସ ଓ କୃଷି କ୍ଷତି କାରଣରୁ ତାଙ୍କ ଜମି ପଡ଼ିଆ ହୋଇପଡ଼ିଥିଲା। ଫଳରେ ପତ୍ନୀ ଓ ତିନିଜଣ ସନ୍ତାନଙ୍କ ଦାୟିତ୍ୱ ବହନ କରୁଥିବା ଦୁର୍ଜୟଙ୍କ ଭବିଷ୍ୟତ ଦାରିଦ୍ର୍ୟର ଚକ୍ରରେ ଆବଦ୍ଧ ହୋଇଯାଇଥିଲା।

କିନ୍ତୁ ପରିସ୍ଥିତିର ପରିବର୍ତ୍ତନ ସେତେବେଳେ ଆସିଲା, ଯେତେବେଳେ ସେ ସ୍ଥାୟୀ କୃଷି ପଦ୍ଧତି ସମ୍ପର୍କରେ ଜାଣିବାର ସୁଯୋଗ ପାଇଲେ। ପ୍ରାକୃତିକ ଚାଷକୁ ସେ ଏକ ସ୍ଥାୟୀ ଆୟର ମାଧ୍ୟମ ଭାବେ ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ (MMJJM) ଅଧୀନରେ ଦୁର୍ଜୟ ଉନ୍ନତମାନର ବିହନ, ନିମ ତେଲ, ମାଇକ୍ରୋ ନ୍ୟୁଟ୍ରିଏଣ୍ଟ, ଟ୍ରାଇକୋଡର୍ମା ଏବଂ ନିମ ଆଧାରିତ ଜୈବିକ ସାର ଉପରେ ଜ୍ଞାନ ଆହରଣ କରିଥିଲେ ଫଳରେ। ରବି ଋତୁରେ ମାତ୍ର ଅଧା ଏକର ଜମିରେ ସେ ଟମାଟୋ, ବାଇଗଣ, ଫୁଲକୋବି ଓ ଲଙ୍କା ଚାଷ କରିଥିଲେ।

ପରିବାରର ନିଜସ୍ୱ ଖାଦ୍ୟ ଆବଶ୍ୟକତା ପୂରଣ ପରେ ମାତ୍ର ୩ରୁ ୪ ମାସ ମଧ୍ୟରେ ସେ ୨୩,୦୦୦ ଟଙ୍କା ଆୟ କରିପାରିଥିଲେ। ଏହି ସଫଳତା ତାଙ୍କ ଜୀବନରେ ଏକ ନୂତନ ଦିଗ ଆଣିଛି। ଫଳସ୍ୱରୂପ ବର୍ତ୍ତମାନ ଦୁର୍ଜୟ ବର୍ଷକୁ ଦୁଇଟି ଋତୁରେ ଚାଷ ବିସ୍ତାର କରିବାକୁ ଯୋଜନା କରୁଛନ୍ତି, ଯାହା ଦ୍ୱାରା ଦିନ ମଜୁରି ଉପରେ ତାଙ୍କର ନିର୍ଭରଶୀଳତା ଅନେକାଂଶରେ କମିଯିବ।(page-5)

5.MMJJM




ତାଙ୍କର ଏହି ସଫଳତା ବେଣାଗାଁ ଅଞ୍ଚଳର ଅନ୍ୟ ଚାଷୀମାନଙ୍କୁ ମଧ୍ୟ ପ୍ରେରିତ କରିଛି ଏବଂ ଅନେକେ ବହୁମୁଖୀ ଫସଲ ଚାଷ ପ୍ରଣାଳୀକୁ ଅନୁସରଣ କରିବା ଆରମ୍ଭ କରିଛନ୍ତି। ପଡ଼ିଆ ଜମିରୁ ସବୁଜ ଫସଲ କ୍ଷେତରେ ପରିଣତ ହୋଇଥିବା ଦୁର୍ଜୟଙ୍କ ଯାତ୍ରା ପ୍ରମାଣ କରେ ଯେ, ସଠିକ୍ ସହଯୋଗ, ପ୍ରାକୃତିକ ଚାଷ ପଦ୍ଧତି ଏବଂ ଦୃଢ଼ ସଂକଳ୍ପ ମଣିଷର ଜୀବନରେ ସମ୍ମାନ, ଆତ୍ମନିର୍ଭରଶୀଳତା ଓ ସମୃଦ୍ଧିର ନୂଆ ଦ୍ୱାର ଖୋଲିପାରେ।

6.Koraput (SOLP)

## *Seed Balls* Transform Rainfed Agriculture in Koraput

In Toyaput GP of Laxmipur Block, Koraput District, a simple yet powerful innovation is revolutionizing farming practices among tribal communities. The Seed Ball Initiative, implemented under CYSD's South Odisha Tribal Livelihood Programme (SOTLP), introduces seed pelleting an ancient technique reimagined for modern climate challenges. These small spheres combine soil, cow dung, and organic matter with seeds, creating natural protective shields that safeguard germination from harsh weather, pests, and degradation while maintaining soil health.

This low-cost, eco-friendly approach addresses a critical challenge faced by rainfed farming communities: unreliable monsoons and degraded lands that limit agricultural productivity. Seed balls significantly improve germination rates while requiring minimal investment, making them accessible to




resource-constrained tribal farmers. The technique requires no external chemical inputs, aligning perfectly with sustainable agriculture principles.



7.APC- Ramanuguda

## *From Persistence to Prosperity:* Jamuna Adhikari's Farming Journey

Banana cultivation can transform a farmer's life by creating steady income and strengthening livelihood security. Jamuna Adhikari from Gulumunda village in Rayagada district is a clear example of how the right crop, combined with perseverance and knowledge, can bring meaningful change. On her 3 acres of land, she has been growing vegetables like tomatoes, brinjals, chilies, and cabbage, ensuring regular income and food for her family.

A few years ago, Jamuna experimented with banana cultivation and earned good profits, which encouraged her to take it up again. With support and guidance from the APC Project team, she improved her understanding of better

7.APC- Ramanuguda



farming practices, crop care, and land management. This knowledge helped her confidently restart banana cultivation along with her vegetable farming, making her efforts more productive and sustainable.

For the past 3 to 5 months, she has been carefully managing her banana crop while continuing vegetable cultivation. This combination has reduced risks and created a more stable source of income. Her dedication and willingness to learn have strengthened her journey towards self-reliance.

Jamuna's story shows how perseverance and the right agricultural knowledge can improve livelihoods. By growing both vegetables and bananas, she has not only secured her family's future but also contributes to providing food for others, making her journey a strong example of sustainable farming.

8.Pragati

# *From Homemaker to Change Maker:* Subhadra Nayak's Leadership Journey

Subhadra Nayak of Barbil Gram Panchayat of Kendujhar District who transformed her life from a homemaker to an inspiring grassroots leader. Before becoming Sarpanch in 2019, she closely witnessed the challenges faced by her community, including poor infrastructure, water scarcity, limited connectivity, and lack of social security services. Re-elected in 2022, she turned these challenges into opportunities for change.

Under her leadership, pension coverage increased from **250** to **750** beneficiaries, ensuring greater social protection for vulnerable families. She facilitated improvements in roads, household tap water supply, and pond development to strengthen local resources. The establishment of a market complex and weekly haats enhanced livelihoods while increasing Panchayat revenue.(page-7)



### 8.Pragati

Her vision of a "Clean and Green Gram Panchayat" improved sanitation and earned district-level recognition. During the COVID-19 pandemic, she ensured food and essential support reached every household. Supported by CYSD through the PRAGATI project, Subhadra strengthened her governance and leadership skills. Today, her journey demonstrates how committed local leadership can drive inclusive development and create lasting change within communities.

### 9.Demogrphic Inteligence Unit

## Launches Blueprint for *Climate-Resilient Development*

On May 15, 2026, Odisha marked a turning point in its climate action journey with the launch of the OVC 2025 Report titled "**Pathways to Climate-Resilient and People-Centric Development.**" Brought together by the Odisha Development Initiative, **50+** collaborative partners convened to advance a shared vision of a **Resilient Odisha by 2036**. The event unveiled two critical infrastructure pieces: The Odisha Data Portal providing disaggregated population and development data at the district level, and the foundation for a new Climate Change and Just Transition coalition.

The collective recognized an urgent truth: climate change transcends environmental boundaries. It directly impacts livelihoods, drives migration patterns, and shapes health, education, and local economies across communities. This realization sparked a commitment to bridge the gap between policy frameworks and ground-level realities, ensuring that climate action reflects




vulnerable and marginalized communities' lived experiences. Moving forward, the coalition will establish a unified climate and vulnerability data pool merging community insights with government databases. Members will rigorously examine policies through equity lenses, strengthen understanding of climate impacts on ecosystems and livelihoods, and build partner capacities through collaborative learning. The message is clear: meaningful resilience emerges not from isolated efforts but from shared knowledge, collective responsibility, and grounded action rooted in people's voices.

### 10.ଟିଟିଲାଗଡ଼ (PLVs)

## ଗାଁ ଗାଁରେ ଯେଉଁ ମାନେ ଆଇନର ନିୟମ ଜାଣି ନାହାଁନ୍ତି, ସେମାନଙ୍କୁ ଜନଜାଗରଣ କରିବି : ପ୍ରେମୀସ କୁମାର ନାୟକ

ସମ୍ବିଧାନ ଦେଶର ପ୍ରଥମ ଓ ମୌଳିକ ଆଇନ : ଯାହାକୁ ଜାଣିବା ପ୍ରତ୍ୟେକ ନାଗରିକର ମୁଖ୍ୟ କର୍ତ୍ତବ୍ୟ

ତୃଣମୂଳସ୍ତରରେ ଆଦିବାସୀ ସମୁଦାୟଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ଓ ସାମ୍ବିଧାନିକ ଅଧିକାର ସମ୍ପର୍କରେ ସଚେତନ କରିବା ଏବଂ ଆଇନ ସହାୟତା ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ଉଦ୍ଦେଶ୍ୟରେ ପାରା ଲିଗାଲ ସ୍ୱେଚ୍ଛାସେବୀ (PLVs) ଚାରିଦିନିଆ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଥିଲା। ଏହି ପ୍ରଶିକ୍ଷଣ ମାଧ୍ୟମରେ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଗ୍ରାମସ୍ତରରେ ଲୋକମାନଙ୍କୁ ଆଇନ ସମ୍ପର୍କିତ ସହାୟତା ଓ ସଚେତନତା ପ୍ରଦାନ କରି ସେମାନଙ୍କୁ ନ୍ୟାୟ ଓ ସରକାରୀ ସୁବିଧା ପ୍ରାପ୍ତିରେ ସକ୍ଷମ ଭାବେ ସହଯୋଗ କରିପାରିବେ।

ଏହି ପ୍ରଶିକ୍ଷଣର ମୁଖ୍ୟ ଲକ୍ଷ୍ୟ ଥିଲା ସମାଜର ପଛୁଆ ଓ ଅବହେଳିତ ବର୍ଗମାନଙ୍କ ମଧ୍ୟରେ ଆଇନ ସମ୍ପର୍କିତ ଜ୍ଞାନ ଓ ସଚେତନତା ବୃଦ୍ଧି କରି ସେମାନଙ୍କୁ ନ୍ୟାୟ ପ୍ରାପ୍ତିରେ ସହଯୋଗ କରିବା। page-8

### 10.ଟିଟିଲାଗଡ଼ (PLVs)

ତେବେ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ବିଶିଷ୍ଟ ସ୍ତମ୍ଭକାର ଦାଶ ବେନହୁର ସମ୍ବିଧାନର ଆଇନ୍ ସର୍ବୋଚ୍ଚ ଆଇନ କେବଳ ସେତିକି ନୁହେଁ ସମ୍ବିଧାନ ବିଷୟରେ ଜାଣିବା ସମସ୍ତଙ୍କ ଆବଶ୍ୟକ ଯାହା ଦ୍ୱାରା ଦେଶର ଶାସନ ବ୍ୟବସ୍ଥା ପରିଚାଳିତ ଏଥି ସହିତ ପ୍ର୍ୟତେକ ନାଗରିକ ନିଜର ମୌଳିକ ଅଧିକାର ଜାଣିବା ସହିତ ଦେଶ କିପରି ତିଆରି ହୁଏ ଓ ଆମ ଦେଶ ସମ୍ବିଧାନ ଦ୍ୱାରା କିପରି ପରିଚାଳିତ ହୁଏ ଏହାର ଆଦର୍ଶ ଓ ଭାରତ କିପରି ଆଇନ ବ୍ୟବସ୍ଥା ଦ୍ୱାରା ପରିଚାଳିତ ହୁଏ ପ୍ରତ୍ୟେକ ନାଗରିକ ଜାଣିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ  ଅନ୍ୟତମ ଅତିଥିଭାବେ ଡ. ଅରବିନ୍ଦ ପଟ୍ଟନାୟକ ଆଇନ ସେବା ପ୍ରାଧୀକରଣର ସଦସ୍ୟ ସଚିବ ଯୋଗଦେଇ ଆଇନ ଓ ଏହାର ବିଭିନ୍ନ ସେବା ଉପରେ ଗୁରୁତ୍ୱ ଦେଇ ଉପସ୍ଥିତ ସ୍ୱେଚ୍ଛାସେବୀ ଙ୍କ ଆଇନ ଗତ ପ୍ରଶ୍ନକୁ ସମାଧାନ କରିଥିଲେ ଏହି କାର୍ଯ୍ୟକ୍ରମରେ cysd ର ମାର୍ଗଦର୍ଶକ ଜଗଦାନନ୍ଦ ଯୋଗଦେଇ ତୃଣମୂଳସ୍ତରରେ କିପରି ଏହି ପାରା legal ସ୍ୱେଚ୍ଛାସେବୀ ଙ୍କ ଭୂମିକା ଉପରେ ଗୁରୁତ୍ୱ ଦେବା ସହିତ ଅଧକ୍ଷତା କରିଥିଲେ



### 11.Youth Leadership

# Youth Leadership: Nurturing Future *Change Makers*

The Youth Leadership initiative aims to develop the leadership potential of young people while fostering community ownership, responsibility, and active citizenship. Through this initiative, youth are encouraged to identify local issues and take collective action on challenges such as child marriage, schooldropouts, child labour, domestic violence, and other social concerns.



Implemented by CYSD to nurture future community leaders, the programme has reached  districts of Odisha like Koraput, Rayagada, Malkangiri, Keonjhar, Puri, and the Balangir-Kalahandi region. More than 200 young leaders have been trained in leadership, communication, and management skills. The initiative also promotes compassion, empathy, and social responsibility, enabling young people to emerge as confident and responsible change-makers.

Eight Youth Leadership Camps have been organized, bringing together tribal and vulnerable youth to strengthen their confidence, knowledge, and leadership abilities. Youth clubs formed under the programme serve as platforms for collective action and local problem-solving.

Legal literacy and rights awareness training have further empowered young leaders to address social justice issues. Many now support school dropouts, organize Shramadan activities, promote healthy practices, and address local concerns. Going forward, committed youth leaders will receive advanced Power to Community Leader Training to lead sustainable change in their communities.

12.Shramadan

## Shramadan *Inspires Community* Action Across Zones

The spirit of collective action came alive across CYSD operational areas as communities joined hands through Shramadan to improve shared spaces and strengthen community ownership. These voluntary efforts have demonstrated how local participation can create meaningful and lasting change.

A notable example emerged from the North Zone at the RLTC campus in Kapundi, where a neglected display area was transformed into an attractive learning space. The display highlights local women, village life, animals, water bodies, and traditional culture. Volunteers used rocks and stone chips to beautify the site and created a map of Keonjhar using locally available materials, celebrating local identity and heritage.

During the first and second quarters, Shramadan activities were organized extensively across field offices and villages. Saharapada conducted 11 activities, Bhubaneswar 10, Boipariguda 7, and Dasmantpur 6, while several other locations organized four activities each.



13.Demogrphic Inteligence Unit

## Media as a *Catalyst* for Social Change



CYSD, in collaboration with The Social Thread and UNFPA, organized an interactive session on “Demographic Transition and Public Narratives” on 16 June 2026, bringing together eminent media stalwarts, editors, columnists, communication experts, and development practitioners from across Odisha. The session, chaired by Jagadananda, Mentor, CYSD, created a unique platform for brainstorming on how demographic changes are reshaping Odisha’s development trajectory and public discourse.

The discussion was informed by presentations from CYSD’s Demographic Intelligence Unit (DIU), highlighting critical demographic trends. Odisha’s Total Fertility Rate has declined to 1.7 and is projected to reach 1.59 by 2036, while the elderly population is expected to rise to 17.1 percent. Nearly 6 lakh people migrate annually in search of employment, and over 5,490 schools have closed due to declining child populations.

Participants emphasized localized planning, gender-responsive policies, stronger elderly care, better migration data, and investments in youth employment and skills. The discussions also highlighted the role of AI, data-driven planning, and the media in shaping public narratives and informing policies for inclusive and sustainable development in Odisha.